# କାର୍ଯ୍ୟନିର୍ବାହୀ ସାରାଂଶ

## *ରିପୋର୍ଟ ସମ୍ବନ୍ଧରେ*

ଯୋଜନାର ହିତାଧିକାରୀଙ୍କୁ ସିଧାସଳଖ ଆର୍ଥିକ ସୁବିଧା ପ୍ରଦାନ ପାଇଁ ପ୍ରତ୍ୟକ୍ଷ ସୁବିଧା ଅନ୍ତରଣ (ଡିବିଟି), ଭାରତ ସରକାର (ଜିଓଆଇ)ଙ୍କ ଏକ ପଦକ୍ଷେପ । ଏହି ପଦକ୍ଷେପଟି ବିଭିନ୍ନ ଅନ୍ତରାୟ ଯେପରିକି ଏକାଧିକ ସ୍ତରର ପ୍ରାଧିକରଣ, ତ୍ରୁଟିମୁକ୍ତ ହିତାଧିକାରୀ ଚିହ୍ନଟ, କ୍ଷତି/ ଚୋରୀ ଏବଂ ସ୍ଥିତିହୀନ ହିତାଧିକାରୀ, ଇତ୍ୟାଦିକୁ ଆବଶ୍ୟକୀୟ ପୁନର୍ଗଠନ ପ୍ରକ୍ରିୟା ନିର୍ବାହ ଦ୍ୱାରା ସମାଧାନର ଲକ୍ଷ୍ୟ ରଖେ । ମନ୍ତ୍ରଣାଳୟ/ ବିଭାଗ ଗୁଡିକରୁ ହିତାଧିକାରୀମାନଙ୍କୁ ସିଧାସଳଖ ଆର୍ଥିକ ସୁବିଧା ଅନ୍ତରଣ ପାଇଁ ଆଧାର ସଂଖ୍ୟା ସହିତ ସେମାନଙ୍କର ଆକାଉଣ୍ଟ ଖୋଲିବା ଓ ଆଧାର ସଂଯୋଗ ପୂର୍ବକ ହିତାଧିକାରୀମାନଙ୍କର ଡାଟାବେସ୍ ପ୍ରସ୍ତୁତି ମଧ୍ୟ ଅନ୍ୟ ପୂର୍ବ ଆବଶ୍ୟକତା ଅଟେ ।

## *ଆମେ କାହିଁକି ଏହି ସମୀକ୍ଷା ହାତକୁ ନେଲୁ ?*

ଭାରତ ସରକାର ମାର୍ଚ୍ଚ 2021 ସୁଦ୍ଧା 54 ମନ୍ତ୍ରଣାଳୟର 310 ଟି ଯୋଜନାରେ ଡିବିଟି କାର୍ଯ୍ୟକାରୀ କରିଥିଲେ । ସେହି ସମୟରେ, ଓଡ଼ିଶା ସରକାର ସାତଟି ବିଭାଗ ସମ୍ବନ୍ଧୀୟ 22 ଟି ଯୋଜନା କାର୍ଯ୍ୟକାରୀ କରିଥିଲେ । ଏହି ଯୋଜନାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିକାଶ, ସଂଖ୍ୟାଲଘୁ ତଥା ପଛୁଆ ବର୍ଗ କଲ୍ୟାଣ (ଏସ୍ଏସ୍ଡି) ବିଭାଗ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଏସ୍ଟି/ଏସ୍ସି/ଓବିସି/ଇବିସି ଛାତ୍ରୀଛାତ୍ରମାନଙ୍କ ପାଇଁ ମାଟ୍ରିକ୍ ପରବର୍ତ୍ତୀ ବୃତ୍ତି ଯୋଜନା ଏବଂ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ମେଧାବୃତ୍ତି ଯୋଜନା ସମ୍ପାଦନ ସମୀକ୍ଷା ନିମନ୍ତେ ଚୟନ କରାଯାଇଥିଲା । ଏହି ସମ୍ପାଦନ ସମୀକ୍ଷା ମାଧ୍ୟମରେ ନିମ୍ନ ବିଷୟଗୁଡ଼ିକର ମୂଲ୍ୟାଙ୍କନ କରିବାକୁ ଏକ ପ୍ରୟାସ କରାଯାଇଥିଲା:

- ଓଡ଼ିଶା ସରକାରଙ୍କର ଯୋଗ୍ୟ ଏସ୍ଟି/ଏସ୍ସି/ଓବିସି ଛାତ୍ରୀଛାତ୍ରମାନଙ୍କୁ ମାଟ୍ରିକ ପରବର୍ତ୍ତୀ ବୃତ୍ତି (ପିଏମ୍ଏସ୍) ପ୍ରଦାନରେ ଏବଂ ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ମେଧାବୃତ୍ତି ଅଧିନରେ ଦେୟ ପ୍ରଦାନରେ ଡିବିଟିର ଉପରୋକ୍ତ ଲକ୍ଷ୍ୟ ହାସଲର ପରିମାଣ;
- ଯୋଜନା ଉଦ୍ଦେଶ୍ୟଗୁଡ଼ିକର ସଫଳତା, ଯେଉଁଥିପାଇଁ ବୃତ୍ତି ପ୍ରଦାନ କରାଯାଇଥିଲା; ଏବଂ
- ସମ୍ଭାବ୍ୟ ହିତାଧିକାରୀଙ୍କ ଅନ୍ତର୍ଭୁକ୍ତିକରଣ ।

## *ଗୁରୁତ୍ୱପୂର୍ଣ୍ଣ ଅଡିଟ୍ ଫଳାଫଳ*

ଡିବିଟିର କାର୍ଯ୍ୟାନ୍ୱୟନ ପାଇଁ ଆନୁଷ୍ଠାନିକ ଢାଞ୍ଚାର ଅଭାବ ଥିଲା, କାରଣ ରାଜ୍ୟ ପରାମର୍ଶଦାତା କମିଟି (ଏସ୍ଏସି)ରେ ଭାରତୀୟ ଜାତୀୟ ଦେୟ ନିଗମ (ଏନ୍ପିସିଆଇ)ର ପ୍ରତିନିଧିତ୍ୱ ନଥିଲା । ଏଥିପାଇଁ ଏସ୍ଏସି, ଡିବିଟିକୁ ସଫଳତାର ସହ କାର୍ଯ୍ୟକ୍ଷମ କରିବାରେ ଏନ୍ପିସିଆଇ ଠାରୁ ମୂଲ୍ୟବାନ ଇନ୍ପୁଟ ପାଇବାରୁ ବଞ୍ଚିତ ହୋଇଥିଲା । ରାଜ୍ୟ ଡିବିଟି ପୋର୍ଟାଲରେ ଏନ୍ପିସିଆଇ ଲୁକ୍ଅପ୍ ୱେବ ସେବା ଏବଂ ବ୍ୟାଙ୍କ ଆକାଉଣ୍ଟ ଗୁଡ଼ିକର ସ୍ଥିତି ଉପଲବ୍ଧ କରାଇବା, ସର୍ବଶେଷ କାର୍ଯ୍ୟକ୍ଷମ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକ ଚିହ୍ନଟ କରିବା ଏବଂ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକର ସ୍ଥିତି (ନିଷ୍କ୍ରିୟ/ ସୁପ୍ତ) ସ୍ଥିର କରିବାକୁ ରାଜ୍ୟ ଡିବିଟି ସେଲ୍ (ଏସ୍ଡିସି) ନିଷ୍ପତ୍ତି ନେଇଥିଲେ (ଏପ୍ରିଲ୍ 2018) । ଏଥିପାଇଁ ରାଜ୍ୟ ଡିବିଟି ପୋର୍ଟାଲ୍ ସହିତ ଏକୀକରଣ ପାଇଁ ୱେବ୍ ସେବା ମାଧ୍ୟମରେ ସୁବିଧା ପ୍ରଦାନ ପୂର୍ବକ ସେମାନଙ୍କ ସହଯୋଗ ବୃଦ୍ଧି କରିବାକୁ ଏନ୍ପିସିଆଇକୁ ଅନୁରୋଧ କରାଯାଇଥିଲା । ରାଜ୍ୟ ଡିବିଟି ପୋର୍ଟାଲରେ ସର୍ବଶେଷ କାର୍ଯ୍ୟକ୍ଷମ ବ୍ୟାଙ୍କ ଆକାଉଣ୍ଟ ଏବଂ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକର ସ୍ଥିତି (ନିଷ୍କ୍ରିୟ/ ସୁପ୍ତ)କୁ ଚିହ୍ନଟ କରିବା ପାଇଁ ଏନ୍ପିସିଆଇର ଲୁକ୍ଅପ୍ ୱେବ୍ ସେବା ଏବଂ ବ୍ୟାଙ୍କ ଆକାଉଣ୍ଟର ସ୍ଥିତି ସେବା ବ୍ୟବହାର କରିବା ପାଇଁ ସମ୍ମତି ସତ୍ତ୍ୱେ, ତାହା ବ୍ୟବହାର କରାଯାଇ ନଥିଲା । 3,12,823 ପିଏମ୍ଏସ୍ ହିତାଧିକାରୀଙ୍କ ଆକାଉଣ୍ଟ ମଧ୍ୟରୁ 2,41,870 ବ୍ୟାଙ୍କ ଆକାଉଣ୍ଟ (77 ପ୍ରତିଶତ)ର ଆଧାର ସଂଯୋଗ ହୋଇନଥିଲା । ଏହିପରି ଭାବରେ ଉଭୟ ପିଏମ୍ଏସ୍ ଏବଂ ମେଧାବୃତ୍ତି, ସୁପ୍ତ/ ନିଷ୍କ୍ରିୟ ବ୍ୟାଙ୍କ ଆକାଉଣ୍ଟ ଏବଂ ଭୁଲ୍ ବ୍ୟାଙ୍କ ଆକାଉଣ୍ଟରେ ଜମା ହେତୁ ବିଫଳ ବ୍ୟାଙ୍କ କାରବାର ସମ୍ପର୍କିତ ସମସ୍ୟାର ସମ୍ମୁଖୀନ ହୋଇଥିଲା ।

ରାଜ୍ୟ ଡିବିଟି ପୋର୍ଟାଲ ସହିତ ଯୋଜନା ସଫ୍ଟୱେୟାର ପ୍ରଦାନ ତଥ୍ୟର ଏକୀକରଣ ଦିଗରେ କୌଣସି ପ୍ରୟାସ କରାଯାଉନଥିବାର ଫଳସ୍ୱରୂପ ବିଭାଗ ଏବଂ ଡିବିଟି ପୋର୍ଟାଲର ରିପୋର୍ଟ ଅନୁସାରେ, ହିତାଧିକାରୀଙ୍କ ସଂଖ୍ୟା ଏବଂ ବିତରଣ ପରିମାଣ ମଧ୍ୟରେ ତାରତମ୍ୟ ରହିଥିଲା ।

ରାଜ୍ୟରେ ଡିବିଟି କାର୍ଯ୍ୟକାରିତା ସମ୍ପର୍କିତ ପ୍ରତ୍ୟେକ କାର୍ଯ୍ୟକଳାପ ପାଇଁ ନୋଡାଲ୍ ପଏଣ୍ଟ ଭାବରେ କାର୍ଯ୍ୟକରିବା ପାଇଁ ରାଜ୍ୟ ଡିବିଟି ପରାମର୍ଶଦାତା କମିଟିର ଦିଗ୍‌ଦର୍ଶନରେ ଏକ ରାଜ୍ୟ ଡିବିଟି ସେଲ୍ (ଏସ୍‌ଡିସି) ପ୍ରତିଷ୍ଠା କରିବା ବିଷୟ ଭାରତ ସରକାରଙ୍କ ମାର୍ଗଦର୍ଶିକାରେ ଉଲ୍ଲେଖିତ । ତଥାପି, ଉଭୟ ଏସ୍‌ଏସ୍‌ଡି ଏବଂ ଉଚ୍ଚଶିକ୍ଷା ବିଭାଗରେ ଡିବିଟି ନୋଡାଲ୍ ସେଲ୍ ଗଠନ ହୋଇନଥିଲା । ବିଭାଗୀୟ ସ୍ତରରେ ଏପରି ସୁବିଧା ପ୍ରଦାନକାରୀ ପ୍ରକ୍ରିୟାର ଅନୁପସ୍ଥିତିରେ ଡିବିଟି ଆବଶ୍ୟକତା ଆଧାରରେ କାର୍ଯ୍ୟକ୍ଷମ ସଫ୍ଟୱେୟାରରେ ପରିବର୍ତ୍ତନ, ଆଧାରର ସଂଯୋଗ, ବୃତ୍ତିର ସମୟାନୁବର୍ତ୍ତୀ ପ୍ରକ୍ରିୟାକରଣ, ଇତ୍ୟାଦି ସନ୍ତୋଷଜନକ ଭାବରେ ନିର୍ବାହ କରାଯାଇପାରି ନଥିଲା । ଫଳସ୍ୱରୂପ, ଉଭୟ ପିଏମ୍‌ଏସ୍ ଏବଂ ମେଧାବୃତ୍ତିର କାର୍ଯ୍ୟାନ୍ୱୟନ, ଆବେଦନ ପ୍ରକ୍ରିୟାକରଣରେ ବିଳମ୍ବ, ସୁପ୍ତ/ ନିଷ୍କ୍ରିୟ/ ଭୁଲ ଆକାଉଣ୍ଟରେ ଦେୟ ଜମା, ଦେୟ ପ୍ରଦାନରେ ବିଳମ୍ବ, ଜାଲିଆତି ଉଠାଣ, ଇତ୍ୟାଦି ସମ୍ପର୍କିତ ସମସ୍ୟାଗୁଡ଼ିକର ସାମ୍ନା କରିଥିଲା ।

2017-21 ଅବଧିରେ, ଓଡ଼ିଶାରେ ଡିବିଟି ପରିବେଶକୁ ମଜବୁତ୍ କରିବା ପାଇଁ ଏସ୍‌ଡିସି କେବଳ ଗୋଟିଏ ରାଜ୍ୟ ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରିଥିଲା (ଜୁଲାଇ 2018) । ପର୍ଯ୍ୟାପ୍ତ ଦକ୍ଷତା ବିକାଶ ପଦକ୍ଷେପ ଗୁଡ଼ିକର ଅନୁପସ୍ଥିତିରେ ହିତାଧିକାରୀଙ୍କ ଅନ୍ତର୍ଭୁକ୍ତି, ଆବେଦନଗୁଡ଼ିକର ତ୍ରୁଟିପୂର୍ଣ୍ଣ ଯାଞ୍ଚ, ପ୍ରକ୍ରିୟାକରଣରେ ବିଳମ୍ବ, ଇତ୍ୟାଦି ସମ୍ପର୍କିତ ସମସ୍ୟାଗୁଡ଼ିକ ବଳବତ୍ତର ରହିବା ବ୍ୟତୀତ ବୃତ୍ତି ବିତରଣରେ ତ୍ରୁଟିବିଚ୍ୟୁତି ଲାଗି ରହିଥିଲା ।

ଯୋଗ୍ୟ ହିତାଧିକାରୀଙ୍କ ଚିହ୍ନଟ ପାଇଁ ପଦକ୍ଷେପ ନେବାକୁ ଡିବିଟି ସେଲ୍ କିମ୍ବା ଏସ୍‌ଏସ୍‌ଡି ବିଭାଗ ସାମାଜିକ ଅର୍ଥନୈତିକ ଏବଂ ଜାତିଭିତ୍ତିକ ଜନଗଣନା, 2011 ରେ ପ୍ରସ୍ତୁତ ତଥ୍ୟର ବ୍ୟବହାର କରିନଥିଲେ । ଏତଦ୍‌ବ୍ୟତୀତ, ପିଏମ୍‌ଏସ୍ ପାଇଁ ଆବେଦନ କରିନଥିବା ଛାତ୍ରୀଛାତ୍ରମାନଙ୍କ ଚିହ୍ନଟ ପାଇଁ ଷ୍ଟୁଡେଣ୍ଟ ଏକାଡେମିକ୍ ମ୍ୟାନେଜମେଣ୍ଟ ସିଷ୍ଟମ (ଏସ୍‌ଏଏମ୍‌ଏସ୍) ରେ ଉପଲବ୍ଧ ତଥ୍ୟ ବ୍ୟବହୃତ ହୋଇନଥିଲା । ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଆବେଦନ ମାଧ୍ୟମରେ ଦାଖଲ ହୋଇଥିବା ତଥ୍ୟ ହିତାଧିକାରୀଙ୍କ ତଥ୍ୟ ସଂଗ୍ରହର ଏକମାତ୍ର ଉତ୍ସ ଥିଲା । ଏହିପରି, ପିଏମ୍‌ଏସ୍‌ରୁ ବାଦ୍ ପଡୁଥିବା ଯୋଗ୍ୟ ଛାତ୍ରୀଛାତ୍ରଙ୍କୁ ଚିହ୍ନଟ ଏବଂ ପିଏମ୍‌ଏସ୍‌ରେ ଅନ୍ତର୍ଭୁକ୍ତ କରିବାରେ ପ୍ରଚେଷ୍ଟାର ଅଭାବ ରହିଥିଲା, ଯାହା ପିଏମ୍‌ଏସ୍ ଅଧିନରେ ଥିବା ମୋଟ ଛାତ୍ରୀଛାତ୍ର ସଂଖ୍ୟା 2017-18 ର 5.51 ଲକ୍ଷରୁ 2020-21 ର 4.47 ଲକ୍ଷକୁ, 19 ପ୍ରତିଶତ ହ୍ରାସ ପାଇଥିବା ତଥ୍ୟରୁ ସ୍ପଷ୍ଟ ।

ଅନୁଷ୍ଠାନଗୁଡ଼ିକର ପ୍ରକୃତ ଅବସ୍ଥିତି, ଅନୁବନ୍ଧନ ସ୍ଥିତି, ଛାତ୍ରୀଛାତ୍ର କ୍ଷମତା ଆନୁସଙ୍ଗିକ ଆବଶ୍ୟକ ଭିତ୍ତିଭୂମି ଓ ମାନବ ସମ୍ବଳର ଉପଲବ୍ଧତା ଆଧାରରେ ବୈଧ ଅନୁଷ୍ଠାନ ଗୁଡ଼ିକର ଚିହ୍ନଟ ପାଇଁ ଏସ୍‌ଏସ୍‌ଡି ବିଭାଗ ସୁପରିବାଷିତ ପଦ୍ଧତି ଜାରି କରିନଥିଲେ । ଏହି ପଦ୍ଧତିର ଅନୁପସ୍ଥିତିରେ, ସ୍ଥିତିବିହୀନ/ ଅଯୋଗ୍ୟ ଅନୁଷ୍ଠାନଗୁଡ଼ିକୁ ୟୁଜର ଆଇଡି ଏବଂ ପାସ୍‌ୱାର୍ଡ ପ୍ରଦାନ କରାଯାଇଥିଲା, ଯାହାଫଳରେ ସେହି ଅନୁଷ୍ଠାନଗୁଡ଼ିକର ଅଣ-ଛାତ୍ରୀଛାତ୍ରମାନେ ପିଏମ୍‌ଏସ୍ ପାଇବାରେ ସମର୍ଥ ହୋଇଥିଲେ । ମୟୁରଭଞ୍ଜ ଏବଂ ବାଲେଶ୍ୱର ଜିଲ୍ଲାର 16 ଟି ପଞ୍ଜୀକୃତ ଅନୁଷ୍ଠାନର ମିଳିତ ବସ୍ତୁଗତ ଯାଞ୍ଚ (ଜେପିଆଇ) ଦ୍ୱାରା ଆଠଟି ପଞ୍ଜିକୃତ ଅନୁଷ୍ଠାନ ପ୍ରକୃତରେ ବିଦ୍ୟମାନ ନଥିବା ଜଣାପଡ଼ିଥିଲା ଏବଂ 15.57 କୋଟି ଟଙ୍କାର ପିଏମ୍‌ଏସ୍ ଅଣ-ଛାତ୍ରୀଛାତ୍ରମାନଙ୍କ ନାମରେ ପ୍ରାପ୍ତ କରାଯାଇଥିଲା । ଏହା ବ୍ୟତୀତ, ଛଅଟି ନମୁନା ଜିଲ୍ଲାରେ 30 ଟି ଅନୁଷ୍ଠାନକୁ ଡିପ୍ଲୋମା ପାଠ୍ୟକ୍ରମ ଚଳାଇବା ପାଇଁ ଅଯୋଗ୍ୟ ଏଜେନ୍ସୀ ଦ୍ୱାରା ଅନୁବନ୍ଧିତ କରାଯାଇଥିଲା । ତେଣୁ ସେଠାରେ ନାମ ଲେଖାଇଥିବା ଛାତ୍ରୀଛାତ୍ରମାନେ ପିଏମ୍‌ଏସ୍ ପାଇଁ ଯୋଗ୍ୟ ହେଲେ ନାହିଁ । ତେବେ, ସେଥିମଧ୍ୟରୁ 15 ଟି ଅନୁଷ୍ଠାନର 5,185 ଜଣ ଛାତ୍ରୀଛାତ୍ରଙ୍କୁ 2016-17 ରୁ 2019-20 ବର୍ଷ ପାଇଁ 15.79 କୋଟି ଟଙ୍କାର ପିଏମ୍‌ଏସ୍ ପ୍ରଦାନ କରାଯାଇଥିଲା ।

ପିଏମ୍‌ଏସ୍ ଏବଂ ମେଧାବୃତ୍ତିର ଆବେଦନ ଏବଂ ଅନୁମୋଦନ ପ୍ରକ୍ରିୟାରେ, ବୃତ୍ତି ରାଶିର ଅନ୍ତିମ ବିତରଣ ପୂର୍ବରୁ ବିଭିନ୍ନ ମଧ୍ୟସ୍ତରୀୟ ସଂପୃକ୍ତି ବଳବତ୍ତର ରହିଥିଲା । ପ୍ରକ୍ରିୟାରେ ବିଳମ୍ବକୁ ଦୂର କରି ବୃତ୍ତି ପ୍ରଦାନ କରିବା ନିମନ୍ତେ ମଧ୍ୟବର୍ତ୍ତୀ ସ୍ତରଗୁଡ଼ିକୁ ଯୁକ୍ତିଯୁକ୍ତ କରିବା ପାଇଁ ଆବଶ୍ୟକୀୟ ପ୍ରକ୍ରିୟା ପୁର୍ନଗଠନ ଜରିଆରେ ମଧ୍ୟବର୍ତ୍ତୀ ସ୍ତର ଗୁଡ଼ିକୁ ହ୍ରାସ କରିବାକୁ ସରକାର ପ୍ରୟାସ କରିନଥିଲେ ।

ପ୍ରେରଣା ଏବଂ ଇମେଧାବୃତ୍ତି ପରିଚାଳନା ସଫ୍ଟୱେୟାର ପରସ୍ପର ସହିତ କିମ୍ବା ଅନ୍ୟ ବିଭାଗର ବୃତ୍ତି ଯଥା- ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସଶକ୍ତିକରଣ ବିଭାଗର ବାଣିଶ୍ରୀ ପୋର୍ଟାଲ ସହିତ ସଂଯୋଗ ହୋଇନଥିଲା, ଯେଉଁ କାରଣରୁ ସମାନ ଛାତ୍ରୀଛାତ୍ରଙ୍କ ବିଭିନ୍ନ ବୃତ୍ତି ପାଇଁ ସମାନ ସମୟରେ ଆବେଦନଗୁଡ଼ିକର ଚିହ୍ନଟ ହୋଇପାରିନଥିଲା । ଏହାଫଳରେ, 11,880 ଛାତ୍ରୀଛାତ୍ରଙ୍କୁ 2017-21 ମଧ୍ୟରେ ଉଭୟ 6.90 କୋଟି ଟଙ୍କାର ପିଏମ୍ଏସ୍ ଏବଂ 6.80 କୋଟି ଟଙ୍କାର ମେଧାବୃତ୍ତି ମଞ୍ଜୁର କରାଯାଇଥିଲା । ସେହିପରି, 2018-21 ମଧ୍ୟରେ, ଯଦିଓ ନମୁନା ଜିଲ୍ଲା (ଝାରସୁଗୁଡ଼ା, କଳାହାଣ୍ଡି ଏବଂ ମୟୁରଭଞ୍ଜ) ରୁ 56 ଜଣ ନର୍ସିଂ ଛାତୀଛାତ୍ର ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ଅଧିନରେ 32.97 ଲକ୍ଷ ଟଙ୍କାର ବୃତ୍ତି ପାଇଥିଲେ, ସେମାନେ ସେହି ସମାନ ସମୟ ପାଇଁ 35.18 ଲକ୍ଷ ଟଙ୍କାର ପିଏମ୍ଏସ୍ ମଧ ପାଇଥିଲେ । ଏହା ବ୍ୟତୀତ, ସମାନ 973 ଛାତ୍ରୀଛାତ୍ରଙ୍କ ଏକାଧିକ ଆବେଦନ, ପ୍ରେରଣା ସଫ୍ଟୱେୟାରରେ ପଞ୍ଜିକୃତ ହୋଇଥିଲା, ଯାହା ସେମାନଙ୍କୁ ବିଭିନ୍ନ ଅନୁଷ୍ଠାନର ବିଭିନ୍ନ ପାଠ୍ୟକ୍ରମର ଛାତ୍ରୀଛାତ୍ର ଭାବେ ଦର୍ଶାଉଥିଲା ଏବଂ ପ୍ରତ୍ୟେକ ପାଠ୍ୟକ୍ରମ ପାଇଁ 2.43 କୋଟି ଟଙ୍କା ପିଏମ୍ଏସ୍ ପ୍ରଦାନ କରାଯାଇଥିଲା, ଯାହା ପିଏମ୍ଏସ୍ ଦେୟ ଦୁଇଥର ପ୍ରଦାନ ବିଷୟକୁ ଦର୍ଶାଉଛି । ଚାରିଟି ନମୁନା ଜିଲ୍ଲାରେ, 1,668 ଛାତ୍ରୀଛାତ୍ର, ଯେଉଁମାନେ ପରବର୍ତ୍ତୀ ସମୟରେ ସମାନ ସ୍ତରର ବିଭିନ୍ନ ପାଠ୍ୟକ୍ରମରେ ନାମ ଲେଖାଇଥିଲେ (ଉଦାହରଣସ୍ୱରୁପ- ଇଣ୍ଟରମିଡିଏଟ୍ ବିଜ୍ଞାନ ପରେ ଇଣ୍ଟରମିଡିଏଟ୍ କଳା), 2017-20 ମଧ୍ୟରେ ସେମାନଙ୍କୁ 3.71 କୋଟି ଟଙ୍କାର ପିଏମ୍ଏସ୍ ପ୍ରଦାନ କରାଯାଇଥିଲା ।

ଅଧିକନ୍ତୁ, ଛଅଟି ନମୁନା ଜିଲ୍ଲାରେ, 22 ଟି ପରୀକ୍ଷା ଯାଞ୍ଚ ଅନୁଷ୍ଠାନର 2,996 ଛାତ୍ରୀଛାତ୍ର 2017-21 ମଧ୍ୟରେ ଅଧାରୁ ପାଠ୍ୟକ୍ରମ ଛାଡ଼ିଦେଇଥିଲେ । ତେବେ, ଏହି ଛାତ୍ରୀଛାତ୍ରମାନଙ୍କୁ ପାଠ୍ୟକ୍ରମ ବନ୍ଦ ହେବା ପରେ ମଧ 7.36 କୋଟି ଟଙ୍କାର ପିଏମ୍ଏସ୍ ପ୍ରଦାନ କରାଯାଇଥିଲା । ମୟୁରଭଞ୍ଜ ଜିଲ୍ଲାର ଏସ୍ଏସ୍ଆଇଟି ନାମକ ଏକ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ ଛାଡ଼ିଥିବା 280 ଛାତ୍ରୀଛାତ୍ରଙ୍କ ନାମରେ ବୃତ୍ତି ପାଇଁ ଆବେଦନ କରିଥିଲେ ଏବଂ ସେହି ଛାତ୍ରୀଛାତ୍ରମାନଙ୍କ ଆକାଉଣ୍ଟରେ 2.36 କୋଟି ଟଙ୍କା ଜମା କରାଯାଇଥିଲା । ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାକ୍ଷରିତ ଅନୁମୋଦିତ ଫର୍ମ ବଳରେ ପିଏମ୍ଏସ୍ ରାଶି ଏସ୍ଏସ୍ଆଇଟିର ବ୍ୟାଙ୍କ ଆକାଉଣ୍ଟକୁ ଅନ୍ତରଣ କରାଯାଇଥିଲା । ତିନୋଟି ନମୁନା ଜିଲ୍ଲାର ସଂପୃକ୍ତ 69 ଜଣ ଛାତ୍ରୀଛାତ୍ରଙ୍କୁ 14.17 ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା, କିନ୍ତୁ ଆଡମିଶନ ରେଜିଷ୍ଟରରେ ସେମାନଙ୍କ ନାମ ଚିହ୍ନଟ ହୋଇପାରି ନଥିଲା ।

ମେଧାବୃତ୍ତି ମାର୍ଗଦର୍ଶିକା ଅନୁଯାୟୀ, ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ବୃତ୍ତି ଅନୁମୋଦନ ପାଇଁ ଆବେଦନକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ତଥ୍ୟଗୁଡ଼ିକର ଅଗ୍ର ସଂଚାରଣ ନିମନ୍ତେ ସେଗୁଡ଼ିକର ଯାଞ୍ଚ, ସଠିକତା ନିଶ୍ଚିତ କରିବା ଓ ଅନୁମୋଦନ କରିବା ପାଇଁ ଅନୁଷ୍ଠାନର ଅଧକ୍ଷ ଦାୟୀ ଅଟନ୍ତି । ଅଡିଟ୍ ଲକ୍ଷ୍ୟ କଲେ ଯେ, 97,810 ମାମଲା ମଧ୍ୟରୁ 1,466 ମାମଲାରେ ସମସ୍ତ ଆବଶ୍ୟକୀୟ ସୂଚନା ଯଥା- ଆୟ ପ୍ରମାଣପତ୍ର, ବାସିନ୍ଦା ପ୍ରମାଣପତ୍ର, ମାର୍କସୀଟ୍, ବ୍ୟାଙ୍କ ବିବରଣୀ ଏବଂ ଆଧାର ନମ୍ବର ଅପ୍‌ଲୋଡ୍ ହୋଇଥିଲା, କିନ୍ତୁ ଅଧକ୍ଷମାନେ ଠିକ୍ ସମୟରେ ତଥ୍ୟ ଯାଞ୍ଚ କରି ଅନୁମୋଦନ କରିନଥିଲେ ।

### *ଆମେ କଣ ସୁପାରିଶ କରୁ ?*

ଏହା ସୁପାରିଶ କରାଗଲା ଯେ:

1. ***ରାଜ୍ୟ ପରାମର୍ଶଦାତା କମିଟି, ଡିବିଟି କାର୍ଯ୍ୟାନ୍ୱୟନ କରୁଥିବା ସମସ୍ତ ବିଭାଗର କର୍ମଚାରୀମାନଙ୍କୁ ତଥା ଏନ୍‌ପିସିଆଇର ପ୍ରତିନିଧିଙ୍କୁ ଅନ୍ତର୍ଭୁକ୍ତ କରିବା ଉଚିତ୍ । ଡିବିଟି ରୁ ଯେମିତି କେହି ବାଦ୍ ନ ପଡ଼ନ୍ତି ଏବଂ ତାହା ସମସ୍ତଙ୍କର ସ୍ୱାର୍ଥ ସହ ଜଡ଼ିତ ଥିବା ବିଷୟକୁ ନିଶ୍ଚିତ କରିବା ପାଇଁ ଆଧାର ସଂଯୁକ୍ତ ବ୍ୟାଙ୍କ ଆକାଉଣ୍ଟ ଗୁଡ଼ିକର ଯାଞ୍ଚ ଏବଂ ଚିହ୍ନଟ ନିମନ୍ତେ ଏନ୍‌ପିସିଆଇ ସେବାର ଲାଭ ଉଠାଇବା ଉଚିତ୍ ।***

2. ***ରାଜ୍ୟରେ ଡିବିଟି ଯୋଜନାଗୁଡ଼ିକୁ ଅଧିକ ଧ୍ୟାନ ଏବଂ ସହଯୋଗିତା ଭିତ୍ତିରେ କାର୍ଯ୍ୟକାରୀ କରିବା ପାଇଁ ଏବଂ ଯୋଜନା କାର୍ଯ୍ୟକାରୀ କରିବାରେ ରାଜ୍ୟ ଡିବିଟି ସେଲ୍ ଦ୍ୱାରା ଦର୍ଶାଯାଇଥିବା ଅଭାବକୁ ଠିକ୍ ସମୟରେ ସମାଧାନ କରାଯିବା ବିଷୟକୁ ସୁନିଶ୍ଚିତ କରିବା ପାଇଁ ସମସ୍ତ***

କାର୍ଯ୍ୟକାରୀ ବିଭାଗ ଗୁଡ଼ିକର ନୋଡାଲ୍ ଡିବିଟି ସେଲ୍ ପ୍ରତିଷ୍ଠାକୁ ରାଜ୍ୟ ଡିବିଟି ସେଲ୍ ସୁନିଶ୍ଚିତ କରିବା ଉଚିତ୍ ।

3. ଡିବିଟିର ସୁଗମ କାର୍ଯ୍ୟାନ୍ୱୟନରେ ସୃଷ୍ଟ ବାଧା ତଥା ପ୍ରଦାନକାରୀ ବ୍ୟବସ୍ଥାର ଅଭାବ ଉପରେ ଧ୍ୟାନ ଦେବା ନିମନ୍ତେ ନିୟମିତ ବୈଠକ ମାଧ୍ୟମରେ ନିୟମିତ ପର୍ଯ୍ୟାଲୋଚନା ହେବା ଉଚିତ୍ । ଡିବିଟିର କାର୍ଯ୍ୟାନ୍ୱୟନ ସହିତ ଜଡ଼ିତ ବିଭିନ୍ନ ସ୍ତରର ଅଧିକାରୀମାନଙ୍କୁ, ପ୍ରାଥମିକ ସ୍ତରରେ ଡିବିଟି ଯୋଜନାଗୁଡ଼ିକର ପ୍ରଭାବୀ କାର୍ଯ୍ୟକାରିତା ପାଇଁ ଯଥେଷ୍ଟ ତାଲିମ୍ ଦିଆଯିବା ଉଚିତ୍ ।

4. ଯୋଜନା ସଫ୍ଟୱେୟାର ଦେୟ ପ୍ରଦାନ ତଥ୍ୟକୁ ରାଜ୍ୟ ଡିବିଟି ପୋର୍ଟାଲ୍ ସହିତ ସଠିକ୍ ଭାବରେ ଏବଂ ଠିକ୍ ସମୟ ଭିତ୍ତିରେ ଏକତ୍ରୀକରଣ ପାଇଁ ଏସ୍‌ଡିସି/ ଏସ୍‌ଏସି ପଦକ୍ଷେପ ନେବା ଉଚିତ୍ ।

5. ପିଏମ୍‌ଏସ୍ ପାଇଁ ସମ୍ଭାବ୍ୟ ଯୋଗ୍ୟ ପ୍ରାର୍ଥୀଙ୍କ ସଂଖ୍ୟା ଆକଳନ ଓ ଆବେଦନକାରୀଙ୍କ ସଂଖ୍ୟା ସହ ତାହାର ତୁଳନା କରି ପିଏମ୍‌ଏସ୍ ପାଇଁ ଆବେଦନ କରି ନଥିବା ପ୍ରାର୍ଥୀଙ୍କ ଚିହ୍ନଟ ପାଇଁ ଏସ୍‌ଏସ୍‌ଡି ବିଭାଗ ଆବଶ୍ୟକ ବ୍ୟବସ୍ଥା ପ୍ରବର୍ତ୍ତନ କରିବା ଉଚିତ୍ । ସୁବିଧାରୁ ବଞ୍ଚିତ ଛାତ୍ରୀଛାତ୍ରମାନଙ୍କୁ ପିଏମ୍‌ଏସ୍ ପାଇବାରେ ସହାୟତା ପ୍ରଦାନ ପାଇଁ ସେମାନଙ୍କ ନିକଟରେ ପହଞ୍ଚିବାରେ ପ୍ରୟାସ କରାଯିବା ଉଚିତ୍ ।

6. ଆବେଦନଗୁଡ଼ିକର ଦ୍ରୁତ ପ୍ରକ୍ରିୟାକରଣ ଓ ଠିକ୍ ସମୟରେ ପ୍ରଦାନ ପାଇଁ ବିଦ୍ୟମାନ ଏକାଧିକ ପ୍ରଶାସନିକ ସ୍ତରକୁ ଯୁକ୍ତିସଙ୍ଗତ କରାଯାଇ ବୃତ୍ତି ଯୋଜନାର ସୁପରିଚାଳନା ପାଇଁ ବିକଶିତ ଓଡିଶା ରାଜ୍ୟ ସ୍କଲାରସିପ୍ ପୋର୍ଟାଲର ଯଥାସମ୍ଭବ ବ୍ୟବହାର କରାଯିବା ଉଚିତ୍ ।

7. ସଂସ୍ଥାଗୁଡ଼ିକୁ ୟୁଜର ଆଇଡି ଏବଂ ପାସ୍‌ୱାର୍ଡ ପ୍ରଦାନ କରିବା ପୂର୍ବରୁ ଯାଞ୍ଚ ପ୍ରକ୍ରିୟାକୁ ବର୍ଣ୍ଣନା କରି ଠକାମି ଏବଂ ଅଯୋଗ୍ୟ ହିତାଧିକାରୀଙ୍କୁ ବାଛିବା ପାଇଁ ଏସ୍‌ଏସ୍‌ଡି ବିଭାଗ ଜିଲ୍ଲାସ୍ତରୀୟ କାର୍ଯ୍ୟକର୍ତ୍ତାମାନଙ୍କୁ ଏକ ସବିଶେଷ ଯାଞ୍ଚ ତାଲିକା ଦେଇପାରେ ।

8. ଆବଶ୍ୟକୀୟ ପ୍ରକ୍ରିୟାର ପୁର୍ନଗଠନ କରି ଏସ୍‌ଏସ୍‌ଡି ବିଭାଗ ସୁନିଶ୍ଚିତ କରିବା ଉଚିତ୍ ଯେ, ମଧ୍ୟବର୍ତ୍ତୀ ସ୍ତରମାନଙ୍କର ସଂପୃକ୍ତିକୁ ହଟାଇ ବୃତ୍ତି ରାଶି ପ୍ରତ୍ୟକ୍ଷ ଏବଂ ଠିକ୍ ସମୟରେ ଯୋଗ୍ୟ ଛାତ୍ରୀଛାତ୍ରଙ୍କ ବ୍ୟାଙ୍କ୍ ଆକାଉଣ୍ଟରେ ଜମା ହେଉଛି ।

9. ମେଧାବୃତ୍ତି ପାଇଁ ଆବେଦନ କରିବାକୁ ଠିକ୍ ସମୟରେ ବିଜ୍ଞାପନ ପ୍ରକାଶନକୁ ଉଚ୍ଚଶିକ୍ଷା ବିଭାଗ ସୁନିଶ୍ଚିତ କରିବା ଏବଂ ଓସିଏସି ତଥା ଟ୍ରେଜେରୀ ଗୁଡିକ ଯଥାକ୍ରମେ ବିନା ବିଳମ୍ବରେ ଆବେଦନ ପ୍ରକ୍ରିୟାକରଣ ଓ ଦେୟ ପ୍ରଦାନ ପାଇଁ ଯୋଜନ ପ୍ରସ୍ତୁତି କରିବା ଉଚିତ୍ ।

10. କୌଣସି ଯୋଗ୍ୟ ଆବେଦନକାରୀ ବୃତ୍ତି ସୁବିଧାରୁ ବଞ୍ଚିତ ନହେବା ବିଷୟକୁ ସୁନିଶ୍ଚିତ କରିବାକୁ ଅଧକ୍ଷମାନଙ୍କ ଦ୍ୱାରା ଠିକ୍ ସମୟରେ ଆବଦନଗୁଡ଼ିକର ପ୍ରକ୍ରିୟାକରଣ ହୋଇଥିବା ବିଷୟକୁ ସୁନିଶ୍ଚିତ କରିବାକୁ ଉଚ୍ଚଶିକ୍ଷା ବିଭାଗ ସଠିକ ପଦକ୍ଷେପ ଗ୍ରହଣ କରିବା ଉଚିତ୍ । ଆବେଦନଗୁଡ଼ିକର ବିଳମ୍ବିତ କିମ୍ବା ପ୍ରକ୍ରିୟାକରଣ ନହେବା ପାଇଁ ସଂପୃକ୍ତ ଅଧକ୍ଷମାନେ ଉତ୍ତରଦାୟୀ ରହିବା ଉଚିତ୍ ।

11. ବୃତ୍ତି ପରିଚାଳନା ପାଇଁ ଓଏସ୍‌ଏସ୍‌ପି କମ୍ପ୍ୟୁଟର ଆପ୍ଲିକେସନ ଏବଂ ଅନ୍ୟ ବିଭାଗ ଦ୍ୱାରା ବିକଶିତ ତତ୍‌ସମ୍ବନ୍ଧୀୟ ଆପ୍ଲିକେସନ ଗୁଡ଼ିକ ସମାନ ଛାତ୍ରୀଛାତ୍ରଙ୍କୁ ଏକାଧିକ ବୃତ୍ତି ପ୍ରଦାନ ଘଟଣାକୁ ପ୍ରତିହତ କରିବା ପାଇଁ ପରସ୍ପର ସହ ସଂଯୋଗ ହେବା ଉଚିତ୍ ।

12. ଅଯୋଗ୍ୟ ଆବେଦନକାରୀଙ୍କ ସପକ୍ଷରେ ଅନୁମୋଦନ ଉପରେ ପ୍ରତିବନ୍ଧକ ଲଗାଇବା ଏବଂ ହିତାଧିକାରୀଙ୍କୁ ଅଧିକ ଦେୟ ପ୍ରଦାନ ରୋକିବା ପାଇଁ ଓଏସ୍‌ଏସ୍‌ପି ବ୍ୟବସ୍ଥାରେ ଯୋଜନା କାର୍ଯ୍ୟକାରୀ ନିୟମଗୁଡ଼ିକୁ ସଠିକ୍ ଭାବେ ଲିଙ୍କ୍ କରିବା ସହିତ ବୈଧିକରଣ ନିୟନ୍ତ୍ରଣକୁ ସୁଦୃଢ଼ କରାଯିବା ଉଚିତ୍ ।

**13.** ହିତାଧିକାରୀଙ୍କ ବ୍ୟାଙ୍କ୍ ଆକାଉଣ୍ଟ ଗୁଡ଼ିକର ଆଧାର ସହ ସଂଯୋଗ, ଡିବିଟି ପାଇଁ ଏକ ପ୍ରାଥମିକ ଆବଶ୍ୟକତା ହୋଇଥିବାରୁ ସେଗୁଡିକର ସଂଯୋଗକୁ ଏସ୍ଏସ୍‌ଡି ବିଭାଗ ସୁନିଶ୍ଚିତ କରିବା ଉଚିତ୍ । ଏହି ଦିଗରେ ଛାତ୍ରୀଛାତ୍ରମାନଙ୍କୁ ଆବଶ୍ୟକ ସହାୟତା ଯୋଗାଇଦେବା ଉଚିତ୍, ଯାହାଫଳରେ ବ୍ୟାଙ୍କ୍ ଆକାଉଣ୍ଟର ଆଧାର ସଂଯୋଗ ଅଭାବରୁ କେହି ବୃତ୍ତିରୁ ବଞ୍ଚିତ ହେବେ ନାହିଁ ।

**14.** ଉଦ୍ଦିଷ୍ଟ ହିତାଧିକାରୀଙ୍କୁ ଅର୍ଥ ପ୍ରଦାନ ସୁନିଶ୍ଚିତ କରିବା ପାଇଁ, କାର୍ଯ୍ୟକାରୀ ବିଭାଗ ଗୁଡ଼ିକ ରାଜ୍ୟ ଡିବିଟି ସେଲ୍ ସହିତ ସମନ୍ୱୟ ରକ୍ଷା କରି ଭିଲୁକଅପ୍ ୱେବ୍ ସେବା ଏବଂ ଏନ୍‌ପିସିଆଇର ବ୍ୟାଙ୍କ୍ ଆକାଉଣ୍ଟ୍ ସେବା ସ୍ଥିତିର ବ୍ୟବହାରକୁ ସୁନିଶ୍ଚିତ କରିବା ପାଇଁ ଉଦ୍ୟମ କରିବା ଉଚିତ୍ ।

**15.** ନକଲି ହିତାଧିକାରୀଙ୍କୁ ଚିହ୍ନଟ ନକରିବା, ଆବେଦନର ତାରିଖ ଏବଂ ଆଧାର ସଂଖ୍ୟା ସହିତ ମାଷ୍ଟର ଟେବୁଲର ଅନୁପସ୍ଥିତି ଭଳି ଗୁରୁତ୍ୱପୂର୍ଣ୍ଣ ତଥ୍ୟର ଭୁଲ୍ ଗ୍ରହଣକୁ ଧରିବାରେ, ଓଏସ୍ଏସ୍‌ପି କମ୍ପ୍ୟୁଟର ବ୍ୟବସ୍ଥାରେ ଥିବା ତ୍ରୁଟିଗୁଡ଼ିକର ପ୍ରତିକାର କରାଯାଇ ବୃତ୍ତି ଆବେଦନଗୁଡ଼ିକର ପ୍ରକ୍ରିୟାକରଣ ବ୍ୟବସ୍ଥାକୁ ଅଧିକ ଦକ୍ଷ କରାଯିବା ଉଚିତ୍ ।

**16.** ପିଏମ୍ଏସ୍ ଦେୟର ସନ୍ଦେହଜନକ ଠକେଇର କାରଣ ଅନୁସନ୍ଧାନ କରାଯାଇ ଅବହେଳା କରିଥିବା ଅଧିକାରୀଙ୍କୁ ଉତ୍ତରଦାୟୀ କରାଯାଉ ଏବଂ ପିଏମ୍ଏସ୍ ଅସୁଲ ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯାଉ ।

**17.** ଓଏସ୍ଏସ୍‌ପିର ସ୍କିମ୍ ପୋର୍ଟାଲରେ ପଞ୍ଜୀକରଣ ପୂର୍ବରୁ ଅନୁଷ୍ଠାନ ଗୁଡିକର ନିରୀକ୍ଷଣ ଏବଂ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ଦ୍ୱାରା କରାଯିବାକୁ ଥିବା ନିରୀକ୍ଷଣ ମାତ୍ରା ତଥା ବେସରକାରୀ ଅନୁଷ୍ଠାନ ଗୁଡିକରେ ଯାଞ୍ଚ କରାଯିବାକୁ ଥିବା ନଥିପତ୍ରଗୁଡିକ ନିର୍ଦ୍ଧାରିତ କରିବା ପାଇଁ ଏସ୍ଏସ୍‌ଡି ବିଭାଗ ବିସ୍ତୃତ ମାର୍ଗଦର୍ଶିକା ପ୍ରସ୍ତୁତ କରିପାରେ ।

**18.** ମଞ୍ଜୁର କରିବା ପୂର୍ବରୁ, ପାଠ୍ୟକ୍ରମ ଜାରି ରଖିଥିବା ବିଷୟକୁ ଯାଞ୍ଚ କରିବା ପାଇଁ ପରବର୍ତ୍ତୀ ବର୍ଷଗୁଡ଼ିକରେ ପାଠ୍ୟକ୍ରମ ଜାରି ରଖିଥିବା ଛାତ୍ରୀଛାତ୍ରଙ୍କ ତାଲିକା, ସେମାନଙ୍କ ଆବେଦନପତ୍ର ସହିତ ସଂପୃକ୍ତ ଡିଡବ୍ଲୁଓଙ୍କ ନିକଟକୁ ପଠାଇବା ପାଇଁ ଅନୁଷ୍ଠାନ ଗୁଡ଼ିକୁ କୁହାଯାଇପାରେ ।